# ଖାରିଜଳ ଚିଙ୍ଗୁଡ଼ି ଓ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା

## "ଖାରିଜଳ ମାଛଚାଷର ବିକାଶ"ରେ ମତ୍ସ୍ୟଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ

ଆମ ରାଜ୍ୟ ଓଡ଼ିଶାରେ ଖାରିଜଳ ଚିଙ୍ଗୁଡ଼ି ଓ ମାଛଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ସାମୁଦ୍ରିକ ଉଚ୍ଚ ଜୁଆର ରେଖା (High Tide Line) ଠାରୁ ଦୁଇ କି.ମି. ମଧ୍ୟରେ ତଥା ଉପକୂଳ ଜଳକୃଷି କର୍ତ୍ତୃପକ୍ଷ ଅଧିନିୟମ (Coastal Aquaculture Authority Act) ଅନୁସାରେ ଖାରିଜଳ ମାଛଚାଷ ହୋଇଥାଏ। ଭୌଗଳିକ ସୂଚନା ପଦ୍ଧତି (GIS) ଆଧାରରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼େ ଯେ ଆମ ରାଜ୍ୟରେ ପ୍ରାୟ ୨.୯୩ ଲକ୍ଷ ହେକ୍ଟର ଘରୋଇ ଖାରିଜଳ କ୍ଷେତ୍ର ଚିଙ୍ଗୁଡ଼ି ଓ ମାଛଚାଷ ପାଇଁ ଉପଯୁକ୍ତ ଅଟେ। ଏହି ସବୁ ଅଞ୍ଚଳରେ ଖାରିଜଳ ମାଛଚାଷ ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା "ଖାରିଜଳ ମାଛଚାଷର ବିକାଶ" ମାଧ୍ୟମରେ ନୂତନ ପୋଖରୀ ଖନନ ନିମନ୍ତେ ମତ୍ସ୍ୟଚାଷୀ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

### ନୂତନ ପୋଖରୀ ଖନନ ଓ ମାଛଚାଷ ନିମନ୍ତେ ମତ୍ସ୍ୟଚାଷୀଙ୍କୁ ମିଳୁଥିବା ସହାୟତା

| ପୋଖରୀର ଆକାର (ହେକ୍ଟରରେ) | ମୂଳ ଖର୍ଚ୍ଚ (ଲକ୍ଷ ଟଙ୍କାରେ) | | | ଇନପୁଟ ଖର୍ଚ୍ଚ (ଲକ୍ଷ ଟଙ୍କାରେ) | | | | | ମୋଟ ପ୍ରକଳ୍ପ ମୂଲ୍ୟ (ଲକ୍ଷ ଟଙ୍କାରେ) | ସବସିଡି | |
|---|---|---|---|---|---|---|---|---|---|---|---|
| | ପୋଖରୀ ଖୋଳା (୫ ଫୁଟ ଗଭୀର) | ୫ ଏଚ.ପି. ପମ୍ପ/ଏରେଟର/ଜୈବ ସୁରକ୍ଷା ଜାଲ ଇତ୍ୟାଦି | ମୋଟ ଖର୍ଚ୍ଚ | ଯାଆଁଳ | ଖାଦ୍ୟ | ଚୂନ, ସାର, ପ୍ରୋବା-ୟୋଟିକ୍ସ | ଡିଜେଲ | ମୋଟ ଖର୍ଚ୍ଚ | | ସାଧାରଣ ବର୍ଗ (୪୦%) | ଏସ.ସି./ଏସଟି /ମହିଳା (୬୦%) |
| ୦.୨ | ୧.୨ | ୦.୨ | ୧.୪ | ୦.୧୬ | ୦.୩୨ | ୦.୦୪ | ୦.୦୮ | ୦.୬ | ୨.୦ | ୦.୮ | ୧.୨ |
| ୦.୩ | ୧.୮ | ୦.୩ | ୨.୧ | ୦.୨୪ | ୦.୪୮ | ୦.୦୬ | ୦.୧୨ | ୦.୯ | ୩.୦ | ୧.୨ | ୧.୮ |
| ୦.୪ | ୨.୪ | ୦.୪ | ୨.୮ | ୦.୩୨ | ୦.୬୪ | ୦.୦୮ | ୦.୧୬ | ୧.୨ | ୪.୦ | ୧.୬ | ୨.୪ |
| ୦.୫ | ୩.୦ | ୦.୫ | ୩.୫ | ୦.୪ | ୦.୮ | ୦.୧ | ୦.୨ | ୧.୫ | ୫.୦ | ୨.୦ | ୩.୦ |
| ୦.୬ | ୩.୬ | ୦.୬ | ୪.୨ | ୦.୪୮ | ୦.୯୬ | ୦.୧୨ | ୦.୨୪ | ୧.୮ | ୬.୦ | ୨.୪ | ୩.୬ |
| ୦.୭ | ୪.୨ | ୦.୭ | ୪.୯ | ୦.୫୬ | ୧.୧୨ | ୦.୧୪ | ୦.୨୮ | ୨.୧ | ୭.୦ | ୨.୮ | ୪.୨ |
| ୦.୮ | ୪.୮ | ୦.୮ | ୫.୬ | ୦.୬୪ | ୧.୨୮ | ୦.୧୬ | ୦.୩୨ | ୨.୪ | ୮.୦ | ୩.୨ | ୪.୮ |
| ୦.୯ | ୫.୪ | ୦.୯ | ୬.୩ | ୦.୭୨ | ୧.୪୪ | ୦.୧୮ | ୦.୩୬ | ୨.୭ | ୯.୦ | ୩.୬ | ୫.୪ |
| ୧.୦ | ୬.୦ | ୧.୦ | ୭.୦ | ୦.୮ | ୧.୬ | ୦.୨ | ୦.୪ | ୩.୦ | ୧୦.୦ | ୪.୦ | ୬.୦ |

### ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଜଣେ ହିତାଧିକାରୀ ସର୍ବାଧିକ ୨ ହେକ୍ଟର ପରିମିତ ପୋଖରୀରେ ଚାଷ ନିମନ୍ତେ ସହାୟତା ପାଇପାରିବେ।

୨. ସାଧାରଣ ବର୍ଗଙ୍କ ପାଇଁ ଶତକଡ଼ା ୪୦ ଭାଗ ଏବଂ ମହିଳା, ଅନୁସୂଚିତ ଜାତି ଓ ଜନଜାତି ହିତାଧିକାରୀଙ୍କ ପାଇଁ ଶତକଡ଼ା ୬୦ ଭାଗ ରିହାତି ବ୍ୟବସ୍ଥା ରହିଛି।

୩. ଆଗ୍ରହୀ ହିତାଧିକାରୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମ ସହିତ ଆବଶ୍ୟକୀୟ ସମସ୍ତ ତଥ୍ୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଉଭୟ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ।

୪. ଯଦି ଖୋଳାଯିବାକୁ ଥିବା ପୋଖରୀର ଜମି ଉପକୂଳ ଜଳକୃଷି କର୍ତ୍ତୃପକ୍ଷଙ୍କ ଧାର୍ଯ୍ୟ ଅଞ୍ଚଳ ଭିତରେ ଆସୁଥିବ, ତେବେ କର୍ତ୍ତୃପକ୍ଷଙ୍କ ଅନୁମତି ପତ୍ର ଆବଶ୍ୟକ ଓ ଯଦି ଲିଜ ଜମି ହୋଇଥିବ, ତେବେ ଅତି କମରେ ତାହା ଆବେଦନ ସମୟ ବେଳକୁ ସାତବର୍ଷ ଲିଜ ଥିବା ଆବଶ୍ୟକ।

୫. ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସ୍କ୍ରିନିଂ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ନୂତନ ପୋଖରୀ ଖୋଳିବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ।

୬. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ଜିଲ୍ଲାସ୍ତରୀୟ ତଦାରଖ କମିଟି ଅନୁଧ୍ୟାନ କରିବା ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ।

**ଖାରିଜଳ ଚିଙ୍ଗୁଡ଼ି ଉତ୍ପାଦନ ବୃଦ୍ଧି, ମତ୍ସ୍ୟଚାଷୀଙ୍କ ଅପାର ଖୁସି**

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ
କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**